# ଅଧ୍ୟାୟ – ୧
# ଆଇନ୍‌ର ଉଦ୍ଦେଶ୍ୟ ଏବଂ ବୈଶିଷ୍ଟ୍ୟସମୂହ

ତାରିଖ ୭ ସେପ୍ଟେମ୍ବର ୨୦୦୫ ରେ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତିର ଗ୍ୟାରେଣ୍ଟି ଆଇନ୍ ବିଜ୍ଞାପିତ ହୋଇଥିଲା ।

## ୧.୧ ଆଇନ୍‌ର ଉଦ୍ଦେଶ୍ୟ

ଯେଉଁ ପରିବାରର ଯାହାର ସାବାଳକ ସଦସ୍ୟମାନେ ସ୍ୱେଚ୍ଛାରେ ଅଣକୁଶଳୀ ଶାରୀରୀକ ଶ୍ରମ କରିବାକୁ ଇଚ୍ଛୁକ ହେବେ, ଏଭଳି ପ୍ରତି ପରିବାରକୁ ଗୋଟିଏ ଆର୍ଥିକ ବର୍ଷରେ ଅନ୍ୟୂନ ୧୦୦ ଦିନର ମଜୁରି ଶ୍ରମ ସୁନିଶ୍ଚିତ ରୂପେ ଯୋଗାଇବା ମାଧ୍ୟମରେ ଗ୍ରାମାଞ୍ଚଳରେ ଜୀବିକାର ନିରାପତ୍ତାର ଅଭିବୃଦ୍ଧି ଘଟାଇବା ହିଁ ହେଉଛି ଏହି ଆଇନ୍‌ର ଉଦ୍ଦେଶ୍ୟ ।

## ୧.୨ ଏନ୍.ଆର୍.ଇ.ଜି.ଏ.ର ଲକ୍ଷ୍ୟସମୂହ

ଏ. ଯେଉଁସ୍ଥଳେ କର୍ମନିଯୁକ୍ତି ପାଇଁ ଅନ୍ୟାନ୍ୟ ବିକଳ୍ପ ସୁଯୋଗମାନ ଦୁର୍ଲ୍ଲଭ ବା ଅଯଥେଷ୍ଟ, ସେପରି ସ୍ଥଳେ ଦୁର୍ବଳ ଜନଗୋଷ୍ଠୀମାନେ କର୍ମନିଯୁକ୍ତିର ଏହି ସୁଯୋଗ ଉପରେ ନିର୍ଭର କରିପାରିବେ ଏବଂ ତଦ୍ୱାରା ସେମାନଙ୍କର ସାମାଜିକ ନିରାପତ୍ତା ସୁଦୃଢ଼ ହୋଇପାରିବ ।

ବି. ଏକ କୃଷି ଅର୍ଥନୀତିର ସୁସ୍ଥାୟୀ ବିକାଶ ପାଇଁ ପ୍ରଗତିର ଏକ ଇଞ୍ଜିନ୍ ରୂପେ ଏହା କାର୍ଯ୍ୟ କରିବ । ମରୁଡ଼ି, ଜଙ୍ଗଲକ୍ଷୟ, ଏବଂ ମୃତ୍ତିକାକ୍ଷୟ, ଯେଉଁ କାରଣଗୁଡ଼ିକ ଯୋଗୁଁ କ୍ରମାଗତ ଦାରିଦ୍ର୍ୟ ବଢ଼ିଚାଲିଛି, ସେଗୁଡ଼ିକର ନିରାକରଣ ପାଇଁ ଆବଶ୍ୟକ ପଡ଼ୁଥିବା କାର୍ଯ୍ୟକ୍ରମ ଗୁଡ଼ିକ ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରିବାର ପ୍ରକ୍ରିୟା ଦ୍ୱାରା ଆଇନ୍ ଗ୍ରାମାଞ୍ଚଳରେ ଜୀବିକାର ସ୍ରୋତ ପାଇଁ ପ୍ରାକୃତିକ ସମ୍ପଦର ଆଧାରକୁ ଶକ୍ତିଶାଳୀ କରିବା ପାଇଁ ତଥା ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ସମ୍ପଦସମୂହର ନିର୍ମାଣ କରିବା ପାଇଁ ଚାହେଁ । ଯଦି ଫଳପ୍ରଦ ଭାବେ କାର୍ଯ୍ୟକାରୀ ହୋଇପାରେ ତେବେ ଦାରିଦ୍ର୍ୟର ଭୂଗୋଳକୁ ବଦଳେଇ ଦେବାର କ୍ଷମତା ଏନ୍.ଆର୍.ଇ.ଜି.ଏ.ର ରହିଛି ।

ସି. ଅଧିକାରର ଧାରଣା ଉପରେ ଆଧାରିତ ଏହି ଆଇନ୍‌ର ପ୍ରକ୍ରିୟାସମୂହ ମାଧ୍ୟମରେ ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କର ସଶକ୍ତୀକରଣ ଘଟିପାରିବ ।

ଡି. ସ୍ୱଚ୍ଛତା ଓ ତୃଣମୂଳ ସ୍ତରୀୟ ଗଣତନ୍ତ୍ରର ନୀତିକୁ ଆଧାର କରି ଘଟିତ ହେବାକୁ ଯାଉଥିବା ଆଦର୍ଶ ଶାସନ ସଂସ୍କାରର ଏହା ଏକ ନମୁନା, ଯାହାକୁ ମାଧ୍ୟମ କରି ଏକ ନୂତନ ଶୈଳୀରେ କାର୍ଯ୍ୟ-ସଂପାଦନ ସମ୍ଭବ ହୋଇପାରିବ ।

ଏହିପରି, ସୁନିଶ୍ଚିତ ମଜୁରି ଭଳି ଏକ ମୌଳିକ ଆବଶ୍ୟକତାର ପରିପୂରଣ ଏବଂ ଗ୍ରାମାଞ୍ଚଳ ଅର୍ଥନୀତିରେ ଶକ୍ତି ସଂଚାରଣ ଠାରୁ ଆରମ୍ଭ କରି ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନତାର ସଶକ୍ତୀକରଣ ଜରିଆରେ ପରିବର୍ତ୍ତନ ଘଟାଇବାର ସମ୍ଭାବନାକୁ ନେଇ ଏକ ସର୍ବ-ମଙ୍ଗଳ ଅଭିବୃଦ୍ଧି ପାଇଁ ଅନୁକୂଳ ଅବସ୍ଥାମାନ ସୃଷ୍ଟି କରିବା ଦିଗରେ ଏନ୍.ଆର.ଇ.ଜି.ଏ. ପ୍ରୋତ୍ସାହନ ଦେଉଛି ।

## ୧.୩ ପ୍ରଭାବ କ୍ଷେତ୍ର

ପ୍ରଥମ ପର୍ଯ୍ୟାୟରେ ୨ ଫେବୃଆରି ୨୦୦୬ ଠାରୁ ଏହି ଆଇନ୍ ଦେଶର ଦୁଇଶହ ଜିଲ୍ଲାରେ କାର୍ଯ୍ୟକାରୀ ହେଲା ଏବଂ ତା'ପରେ ୨୦୦୭-୦୮ ଆର୍ଥିକ ବର୍ଷରେ ଏହା ଆଉ ୧୩୦ଟି ଜିଲ୍ଲାରେ କାର୍ଯ୍ୟକାରିତା ଲାଭ କଲା (୧ ଏପ୍ରିଲ୍ ୨୦୦୭ରୁ ୧୧୩ ଟି ଜିଲ୍ଲା ଏବଂ ୧୫ ମେ ୨୦୦୭ ଠାରୁ ଉତ୍ତରପ୍ରଦେଶର ୧୭ଟି ଜିଲ୍ଲା ପାଇଁ ବିଜ୍ଞାପିତ) । ବାକୀ ଜିଲ୍ଲା ଗୁଡ଼ିକ ୧ ଏପ୍ରିଲ୍ ୨୦୦୮ ଠାରୁ ଏନ୍.ଆର୍.ଇ.ଜି.ଏ. ପରିସର ଭୁକ୍ତ ବୋଲି ବିଜ୍ଞାପିତ ହୋଇସାରିଛି । ଏହିପରି ଯେଉଁସବୁ ଜିଲ୍ଲାରସମୁଦାୟ ଜନସଂଖ୍ୟା ସହରବାସୀ, ସେଗୁଡ଼ିକୁ ବାଦ୍ ଦେଇ ଦେଶର ସବୁ ଅଞ୍ଚଳ ଏନ୍.ଆର୍.ଇ.ଜି.ଏ.ର ପରିସର ଭୁକ୍ତ ହୋଇସାରିଛି ।

## ୧.୪ ଆଇନ୍‌ର ମୌଳିକ ବୈଶିଷ୍ଟ୍ୟସମୂହ

(୧) ଅଣକୁଶଳୀ ଦୈହିକ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଗୋଟିଏ ଗ୍ରାମୀଣ ପରିବାରର ସାବାଳକ ସଦସ୍ୟମାନେ ନିଜକୁ ପଞ୍ଜିକରଣ ପାଇଁ ସ୍ଥାନୀୟ ଗ୍ରାମ ପଞ୍ଚାୟତ ନିକଟରେ ମୌଖିକ ବା ଲିଖିତ ଭାବେ ଦରଖାସ୍ତ କରି ପାରିବେ ।

(୨)ଦରଖାସ୍ତକୁ ଯାଞ୍ଚ କଲାପରେ ଗ୍ରାମ ପଞ୍ଚାୟତ ପ୍ରତି ପରିବାରକୁ ମାଗଣାରେ ଗୋଟିଏ ଲେଖାଁ କାର୍ଯ୍ୟପତ୍ର ପ୍ରଦାନ କରିବେ, ଯେଉଁଥିରେ କାମ କରିବାକୁ ଇଚ୍ଛୁକ ଥିବା ପରିବାରର ସମସ୍ତ ସାବାଳକ ସଦସ୍ୟମାନଙ୍କର ଫଟୋଚିତ୍ର ସ୍ଥାନିତ ହୋଇଥିବ ।

(୩)ଦରଖାସ୍ତ ମିଳିବାର ପନ୍ଦର ଦିନ ମଧ୍ୟରେ ଏହି କାର୍ଯ୍ୟପତ୍ର ପ୍ରଦାନ କରାଯିବ ।

(୪) କାର୍ଯ୍ୟପତ୍ର-ଧାରୀ ବ୍ୟକ୍ତି କେବେ ଠାରୁ କେତେଦିନ ପାଇଁ କାର୍ଯ୍ୟ ଚାହୁଁଛନ୍ତି, ତାହା ସୂଚୀତ କରି ଗ୍ରାମ ପଞ୍ଚାୟତ ନିକଟରେ ଏକ ଲିଖିତ ଆବେଦନ ଦାଖଲ କରି ପାରିବେ । ସର୍ବନିମ୍ନ ୧୪ ଦିନର ଲଗାତାର କାମ ପାଇଁ ସେ ଆବେଦନ କରିପାରିବେ ।

(୫)କର୍ମନିଯୁକ୍ତି ପାଇଁ ଏହି ଲିଖିତ ଆବେଦନକୁ ପ୍ରାପ୍ତିସ୍ୱୀକାର କରି ତାରିଖ ସୂଚୀତ ହୋଇଥିବା ଏକ ରସିଦ୍ ଗ୍ରାମ ପଞ୍ଚାୟତ ପ୍ରଦାନ କରିବେ । ଏହି ରସିଦ୍ ବଳରେ ହିଁ ଜଣେ ବ୍ୟକ୍ତି ୧୫ଦିନ ଭିତରେ କର୍ମନିଯୁକ୍ତି ପାଇବ ବୋଲି ଗ୍ୟାରେଣ୍ଟି ରହିଛି ।

(୬)ଆବେଦନର ୧୫ଦିନ ଭିତରେ କର୍ମନିଯୁକ୍ତି ଯୋଗାଇ ଦେବାକୁ ପଡିବ, ନଚେତ୍ ଆଇନ୍ ଅନୁଯାୟୀ ବେକାରୀ ଭତ୍ତା ଦେବାକୁ ପଡିବ, ଯାହାକି ରାଜ୍ୟ ସରକାରଙ୍କ ଦାୟିତ୍ୱ ।

(୭)କର୍ମନିଯୁକ୍ତି ସାଧାରଣତଃ ଗ୍ରାମର ୫ କି.ମି. ବ୍ୟାସାର୍ଦ୍ଧ ଭିତରେ ଯୋଗାଇ ଦେବାକୁ ପଡିବ ; ଯଦି ଏହାଠାରୁ ଅଧିକ ଦୂରରେ କାର୍ଯ୍ୟ ଦିଆଯାଏ, ତେବେ ଯାତାୟତ ଏବଂ ଖୋରାକି ବାବଦକୁ ମଜୁରିର ଏକ ଦଶମାଂଶ ପରିମାଣର ଅତିରିକ୍ତ ଅର୍ଥରାଶି ସଂପୃକ୍ତ ଶ୍ରମିକଙ୍କୁ ପଇଠ କରାଯିବ ।

(୮)ସର୍ବନିମ୍ନ ମଜୁରି ଆଇନ୍ ୧୯୪୮ ଅନୁଯାୟୀ ଗୋଟିଏ ରାଜ୍ୟରେ କୃଷି ଶ୍ରମିକଙ୍କ ପାଇଁ ପ୍ରଚଳିତ ଥିବା ସର୍ବନିମ୍ନ ମଜୁରି ହାରରେ ପୁରୁଷ ଓ ମହିଳା ନିର୍ବିଶେଷରେ ପ୍ରତି ଶ୍ରମିକଙ୍କୁ ସମାନ ମଜୁରି ପଇଠ କରିବାକୁ ପଡିବ ।

(୯)ଠିକା ହାରରେ ବା ଦୈନିକ ହାରରେ ମଜୁରି ପଇଠ କରାଯାଇ ପାରେ । ସାପ୍ତାହିକ ଭିତ୍ତିରେ ମଜୁରି ପଇଠ କରାଯିବ କିନ୍ତୁ କୌଣସି ପରିସ୍ଥିତିରେ ଏହା ୧୫ଦିନରୁ ଅଧିକ ବିଳମ୍ବ ହେବ ନାହିଁ ।

(୧୦) ମୋଟ୍ ହିତାଧିକାରୀଙ୍କ ଭିତରୁ ଅନ୍ତତଃ ଏକ-ତୃତୀୟାଂଶ ମହିଳା ହୋଇଥିବେ, କିନ୍ତୁ ଏହି ମହିଳାମାନେ ପଞ୍ଜିକୃତ ହୋଇଥିବେ ଏବଂ ସ୍କିମ୍ ଅନୁଯାୟୀ କାର୍ଯ୍ୟ ପାଇଁ ଆବେଦନ କରିଥିବେ ।

(୧୧) ଶିଶୁ-ରହଣି, ପାନୀୟ ଜଳ ଏବଂ ଛାଇ ଜାଗା ଇତ୍ୟାଦି ସୁବିଧାମାନ କାର୍ଯ୍ୟସ୍ଥଳୀରେ ଯୋଗାଇ ଦିଆଯିବ ।

(୧୨) ଗୋଟିଏ ଗ୍ରାମ ପାଇଁ ପ୍ରକଳ୍ପ-ପୁଞ୍ଜ ଗ୍ରାମସଭା ଦ୍ୱାରା ସୁପାରିଶ୍ ହୋଇଥିବ ଓ ଜିଲ୍ଲା ପରିଷଦର ଅନୁମୋଦନ ଲାଭ କରିଥିବ ।

(୧୩) ମୋଟ କାର୍ଯ୍ୟସଂଖ୍ୟାର ଅନ୍ୟୂନ ଶତକଡା ୫୦ଭାଗ ଗ୍ରାମ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟାନ୍ୱୀତ ହେବାର ବ୍ୟବସ୍ଥା କରାଯିବ ।

(୧୪) ଅନୁମୋଦନୀୟ କାର୍ଯ୍ୟ ତାଲିକା ଭିତରେ ଜଳ ଓ ମୃତ୍ତିକା ସଂରକ୍ଷଣ, ବନୀକରଣ ଓ ଭୂ-ଉନ୍ନୟନ ଅଗ୍ରାଧିକାର ଲାଭ କରିବ ।

(୧୫) ମଜୁରି-ସାମଗ୍ରୀ ଅନୁପାତ ୬୦:୪୦ ରହିବ । କୌଣସି ଠିକାଦାର କିମ୍ବା ଯନ୍ତ୍ରକୌଶଳକୁ ପ୍ରଶୟ ଦିଆଯିବ ନାହିଁ ।

(୧୬) କେନ୍ଦ୍ର ସରକାର ଅଣକୁଶଳୀ ଶ୍ରମିକଙ୍କର ମଜୁରି ବାବଦ ଅର୍ଥବ୍ୟୟର ଶତକଡା ଶହେ ବହନ କରିବା ସହିତ ସାମଗ୍ରୀ ଓ କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକମାନଙ୍କ ମଜୁରି ବାବଦ ସମୁଦାୟ ଅର୍ଥବ୍ୟୟର ଶତକଡା ୭୫ଭାଗ ବହନ କରିବେ ।

(୧୭) ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା ଅନୁଷ୍ଠିତ ହେବ ।

(୧୮) ଏକ ଉତ୍ତରଦାୟୀ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଅଭିଯୋଗ-ପ୍ରତିକାର ବ୍ୟବସ୍ଥାଗୁଡିକୁ ଯଥାର୍ଥ ରୀତିରେ ସ୍ଥାନିତ କରିବାକୁ ପଡିବ ।

(୧୯) ସ୍କିମ୍ ସଂପର୍କୀତ ସମସ୍ତ ହିସାବପତ୍ର ଏବଂ ରେକର୍ଡ ସମୂହ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ଉପଲବ୍ଧ ରହିବ ।

## ୧.୫ ଅନ୍ୟାନ୍ୟ କର୍ମଯୋଗାଣ କାର୍ଯ୍ୟକ୍ରମ ଠାରୁ ଏହାର ଢାଞ୍ଚାଗତ ଭିନ୍ନତା

ଲୋକଙ୍କୁ ମଜୁରି ଶ୍ରମ ଯୋଗାଇ ଦେବା ଉଦ୍ଦେଶ୍ୟରେ ଦେଶରେ ଅତୀତରୁ ବର୍ତ୍ତମାନ ଯାଏଁ ପ୍ରବର୍ତ୍ତୀତ ଥିବା ସମସ୍ତ କାର୍ଯ୍ୟକ୍ରମ ଠାରୁ ଏନ୍.ଆର୍.ଇ.ଜି.ଏ. ଢାଞ୍ଚାଗତ ଦୃଷ୍ଟିରୁ ଭିନ୍ନ ଅଟେ । ଏହି ଢାଞ୍ଚାଗତ ଭିନ୍ନତାର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ନିମ୍ନରେ ସୂଚୀତ ହେଉଛି-

୧) ଏହି ନୂତନ ଆଇନ୍ ଅନୁଯାୟୀ କାମ ପାଇବା ଏକ ବୈଧାନିକ ଅଧିକାର ।

୨) ଏହା ଅଧିକାର-ଭିତ୍ତିକ କର୍ମନିଯୁକ୍ତି ପାଇଁ ବ୍ୟବସ୍ଥା ଛିଡା କରିଛି । ଅର୍ଥାତ୍, ଯଦି ଜଣେ ଶ୍ରମିକ ନିଜକୁ ପଞ୍ଜିକରଣ କରି କାର୍ଯ୍ୟପତ୍ର ହାସଲ କରିଥାଏ ଏବଂ ନିର୍ଦ୍ଦିଷ୍ଟ ସମୟ-ଅବଧି ପାଇଁ କାର୍ଯ୍ୟ ଦାବୀ କରିଥାଏ, ତେବେ ତାଙ୍କୁ କାମ ନିଶ୍ଚିତ ରୂପେ ମିଳିବ ।

୩) କାର୍ଯ୍ୟ ପାଇଁ ଆବେଦନ ମିଳିବାର ୧୫ଦିନ ମଧ୍ୟରେ ତାଙ୍କୁ ମଜୁରି ଶ୍ରମ ଯୋଗାଇ ଦିଆଯିବାର ବୈଧାନିକ ଗ୍ୟାରେଣ୍ଟି ରହିଛି ।

୪)	କର୍ମନିଯୁକ୍ତିର ଗ୍ୟାରେଣ୍ଟି ଥିବା ଯୋଗୁଁ କାମ ଯୋଗାଇ ନଦିଆଗଲେ ଆବେଦକ ଶ୍ରମିକଙ୍କୁ ବେକାରୀ ଭତ୍ତା ମିଳିବାର ପ୍ରାବ୍‌ଧାନ ରହିଛି ।

୫)	କେନ୍ଦ୍ର ସରକାର ଯେହେତୁ ସମୁଦାୟ ଅର୍ଥବ୍ୟୟର ଶତକଡା ୯୦ଭାଗ ବହନ କରୁଛନ୍ତି, ତେଣୁ ରାଜ୍ୟମାନଙ୍କୁ ଏହାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରୋତ୍ସାହନ ବ୍ୟବସ୍ଥା ରଖିଛନ୍ତି । ଅନ୍ୟପକ୍ଷରେ କର୍ମନିଯୁକ୍ତି ଯୋଗାଇ ନପାରିଲେ ବେକାରୀ ଭତ୍ତା ବାବଦ ଅର୍ଥବ୍ୟୟ ସଂପୃକ୍ତ ରାଜ୍ୟ ବହନ କରିବ ବୋଲି ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି ।

୬)	ଅତୀତର କର୍ମଯୋଗାଣ କାର୍ଯ୍ୟକ୍ରମ ଗୁଡିକ ଅର୍ଥ-ବରାଦ ଉପରେ ନିର୍ଭରଶୀଳ ଥିବାବେଳେ ଏନ୍.ଆର୍.ଇ.ଜି.ଏ. ଲୋକମାନଙ୍କ ଚାହିଦା ଅନୁଯାୟୀ ପରିଚାଳିତ । ଗୋଟିଏ ରାଜ୍ୟ ଯେତେ କର୍ମଯୋଗାଣ ଓତ୍ପାଦନ କରିପାରିବ, ସେହି ରାଜ୍ୟ ସେତିକି ପରିମାଣର ସମ୍ବଳ ମିଳିବ । ସୁତରାଂ ଏହି ଆଇନ୍ ବଳରେ ଗୋଟିଏ ରାଜ୍ୟ ଚାହିଁଲେ ନିଜର ଗ୍ରାମ୍ୟ ଗରିବଙ୍କ ପାଇଁ ଯଥାସମ୍ଭବ ଅଧିକ କର୍ମଯୋଗାଣ କରିପାରିବେ ବୋଲି ପ୍ରୋତ୍ସାହନ ଏଥିରେ ଅଙ୍ଗୀଭୂତ ହୋଇ ରହିଛି ।

୭)	ଏନ୍.ଆର୍.ଇ.ଜି.ଏ.ରେ ସ୍ୱଚ୍ଛତା ରକ୍ଷା ପାଇଁ ବିଧିବଦ୍ଧ ବ୍ୟବସ୍ଥାମାନ ଏହାର ଅଙ୍ଗୀଭୂତ, ଯଥା-

ଏ) ଦଲିଲ୍‌ଗୁଡିକ କ୍ଷେତ୍ରରେ ସ୍ୱଚ୍ଛତା - ମିଳିଥିବା ପ୍ରାପ୍ୟ ସମ୍ବନ୍ଧରେ ସୂଚନା ଲିପିବଦ୍ଧ ଥାଇ କାର୍ଯ୍ୟପତ୍ର ଶ୍ରମିକମାନଙ୍କ ହେପାଜତରେ ରହିବାର ବ୍ୟବସ୍ଥା ଅଛି । କାର୍ଯ୍ୟ ପାଇଁ ଦରଖାସ୍ତ, ମଷ୍ଟର୍ ରୋଲ୍, ମାପଚୁପ୍ ବହି ଏବଂ ସମ୍ପଦ ରେଜିଷ୍ଟର୍‌ରେ ସ୍ୱଚ୍ଛତା ।

ବି) କାର୍ଯ୍ୟପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା- କାର୍ଯ୍ୟ ପାଇଁ ଦରଖାସ୍ତ ଗ୍ରହଣ, ତାରିଖ ସୂଚୀତ ଥିବା ରସିଦ୍ ପ୍ରଦାନ, ସମୟବଦ୍ଧ ରୀତିରେ କର୍ମଯୋଗାଣ ଏବଂ ମଜୁରି ପଇଠ, କାର୍ଯ୍ୟସ୍ଥଳୀରେ ନାଗରିକ ସୂଚନା ଫଳକ, ଜନସଜାଗତା ଏବଂ ତଦାରଖ କମିଟିଗୁଡିକର ଗଠନ, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ନିୟମିତ ନିରୀକ୍ଷଣ ବ୍ୟବସ୍ଥା ଏବଂ ସାମାଜିକ ସମୀକ୍ଷା ।

(୮)	ଏହି ଆଇନ୍ ଅଧୀନରେ ବିଭିନ୍ନ ସେବା ଯୋଗାଣ ପାଇଁ ଉଦ୍ଦିଷ୍ଟ ପ୍ରଶାସନିକ ବ୍ୟବସ୍ଥାକୁ ଉତ୍ତରଦାୟୀ ରଖାଯାଇଛି । କେନ୍ଦ୍ର ସରକାର ଓ ପ୍ରତି ରାଜ୍ୟ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ଯଥାକ୍ରମେ ସଂସଦ ଏବଂ ରାଜ୍ୟ ବିଧାୟିକା ସମ୍ମୁଖରେ ବାର୍ଷିକ ବିବରଣୀ ଉପସ୍ଥାପନ କରିବାର ବ୍ୟବସ୍ଥା ରହିଛି । ବିଶେଷ କରି ଆଇନ୍‌କୁ କାର୍ଯ୍ୟରୂପ ଦେବା ପାଇଁ ବିଭିନ୍ନ ସ୍ତରରେ ଅବସ୍ଥାପିତ ଓ ପଦନାମିତ ଅଧିକାରୀମାନେ ଏହାର ଫଳାଫଳ ପାଇଁ ବୈଧାନିକ ଦୃଷ୍ଟିକୋଣରୁ ଉତ୍ତରଦାୟୀ ରହିବେ ବୋଲି ବ୍ୟବସ୍ଥା ସ୍ଥାନିତ ହୋଇଛି ।

## ୧.୬ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ଗୁଡିକର ପ୍ରଣୟନ-

ଆଇନ୍‌ର ଧାରା-୪ ଅନୁଯାୟୀ ରାଜ୍ୟ ସରକାରଙ୍କର ଗୋଟିଏ ସ୍କିମ୍ ଆଇନ୍‌ର ଅନୁସୂଚୀ-୧ ଓ ଅନୁସୂଚୀ-୨ରେ ସ୍ଥାନିତ ହୋଇଥିବା ଆଇନ୍ ଦୃଷ୍ଟିରୁ ଅଲଂଘନୀୟ ମାନଦଣ୍ଡସମୂହ ସହିତ ସଂଗତିଶୀଳତା ରକ୍ଷା କରି ପ୍ରଣୀତ ହେବ । ଏଭଳି ପ୍ରଣୀତ ହୋଇଥିବା ଏକ ସ୍କିମ୍‌କୁ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଯୁକ୍ତ ରାଜ୍ୟର ନାମ ବୋଲି କୁହାଯିବ । ଜାତୀୟ ସ୍ତରରେ ବ୍ୟବହୃତ ନାମ ଏବଂ ପ୍ରତୀକକୁ ବ୍ୟବହାର କରିବା ବାଧ୍ୟତାମୂଳକ ଅଟେ । ଏହି ପ୍ରତୀକକୁ ସମସ୍ତ ସୂଚନା-ପ୍ରଶିକ୍ଷଣ-ସଂପ୍ରସାରଣ ସାମଗ୍ରୀ ଏବଂ କାର୍ଯ୍ୟକ୍ରମରେ ବ୍ୟବହାର କରାଯିବ ।

ସ୍କିମ୍ ପିଛା ବ୍ୟୟିତ ଅର୍ଥରାଶିକୁ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତିରେ କେନ୍ଦ୍ର ଓ ରାଜ୍ୟମାନେ ବହନ କରିବେ ଏବଂ ତଦନୁଯାୟୀ ଗୋଟିଏ ସ୍କିମ୍ କାର୍ଯ୍ୟକାରୀ ହେବ ।

ଗୋଟିଏ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଅଧୀନରେ କେଉଁସବୁ ମୌଳିକ ବୈଶିଷ୍ଟମାନ ଅନ୍ତର୍ଭୁକ୍ତ ହେବ, ତହିଁର ଏକ ତାଲିକା ସଂଲଗ୍ନ ନଥି ସଂଖ୍ୟା ଏ-୧ ରେ ସ୍ଥାନିତ ହୋଇଛି ।